ଲେଫ୍ଟନାଣ୍ଟ ଗଭର୍ଣ୍ଣର ଏବଂ ଅନ୍ୟମାନେ

ବନାମ

ଶିବ ଚନ୍ଦର ମୋରେ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 5091/2091)

ଏପ୍ରିଲ 9,2008

**(ଡକ୍ଟର ଅରିଜିତ ପଶାୟତ, ପି. ସଥାସିଭମ୍ ଏବଂ ଅଫତାବ୍ ଆଲାମ୍, ନ୍ୟାୟମୂର୍ତ୍ତିବୃନ୍ଦ)**

***ପ୍ରଶାସନିକ ଆଇନ :***

*ଅନୁଜ୍ଞପ୍ତି ପତ୍ର ପ୍ରଦାନ/ନବୀକରଣ-ରତନ କୌର ବନାମ ଭାରତ ସଂଘ ମାମଲାରେ ଉଚ୍ଚତମ ନ୍ୟାୟାଳୟଙ୍କର ରାୟ କୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷମାନେ ଦ୍ୱିତୀୟ ନବୀକରଣକୁ ଅନୁମତି ଦେଇନଥିଲେ - ତେଣୁ ଏହାକୁ ଆପତ୍ତି - ଉଚ୍ଚ ନ୍ୟାୟାଳୟଙ୍କର ଏକକ ନ୍ୟାୟମୂର୍ତ୍ତି ରାୟ ଦେଲେ ଯେ ଉକ୍ତ ରାୟରେ ଦିଆଯାଇଥିବା ନିଷ୍ପତ୍ତି ଏଠାରେ ପ୍ରୟୋଗ ଯୋଗ୍ୟ , ତଥାପି ସେ ଆଶ୍ୱସ୍ତି ପ୍ରଦାନ କଲେ - ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ ରାୟ ଦେଲେ ଯେ ଉକ୍ତ ରାୟରେ ଦିଆଯାଇଥିବା ନିଷ୍ପତ୍ତି ଏଠାରେ ପ୍ରୟୋଗ ଯୋଗ୍ୟ ନୁହେଁ - ଏହାର ସଠିକତା - ରାୟ ଦିଆଗଲା ଯେ : ଏହା ଭୁଲ ଥିଲା - ଏହା ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ପାଇଁ ଏହାର ସମର୍ଥନରେ କୌଣସି କାରଣ ଦର୍ଶାଇବା ବିନା ଏକ ଭିନ୍ନ ମତ ନେବା ପାଇଁ ଏଠାରେ ଦ୍ୱାର ଉନ୍ମୁକ୍ତ ନଥିଲା – କର୍ତ୍ତୃପକ୍ଷ, ଅନୁଜ୍ଞପ୍ତି ପତ୍ର ପ୍ରଦାନ/ ନବୀକରଣ ସଠିକ ଭାବେ ମନା କରିଥିଲେ ।*

**ଏହି ଆବେଦନରେ ନିଷ୍ପତ୍ତି ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା ତାହା ଥିଲା ଯେ *ରତନ କୌର ବନାମ ଭାରତ ସଂଘ* ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ଅନୁଯାୟୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର, ଉତ୍ତରଦାତାଙ୍କୁ ଅନୁଜ୍ଞପ୍ତି ପତ୍ର ପ୍ରଦାନ/ନବୀକରଣ କରିବାକୁ ମନା କରିବାରେ ଠିକ୍ ଥିଲେ କି ?**

**ଆବେଦନକୁ ଅନୁମତି ଦେଇ ଏହି ନ୍ୟାୟାଳୟ**

**ରାୟ ଦେଲେ ଯେ : ଲେଫ୍ଟନାଣ୍ଟ ଗଭର୍ଣ୍ଣର ସଠିକ୍ ଭାବରେ ଜାଣିବାକୁ ପାଇଲେ ଯେ *ରତନ କୌର ବନାମ ଭାରତ ସଂଘ* ମାମଲାରେ ଏହି ନ୍ୟାୟାଳୟଙ୍କର ରାୟକୁ ଦୃଷ୍ଟିରେ ରଖି ଦ୍ୱିତୀୟ ନବୀକରଣ ଅନୁମତିପ୍ରାପ୍ତ ନୁହେଁ । ଥରେ ଉଚ୍ଚ ନ୍ୟାୟାଳୟଙ୍କର ଏକକ ନ୍ୟାୟମୂର୍ତ୍ତି ରାୟ**

**ଦେଇଥିଲେ  ଯେ ଏହି ନିଷ୍ପତ୍ତି  ପ୍ରୟୋଗଯୋଗ୍ୟ, ଏହା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ପାଇଁ କୌଣସି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସୂଚିତ ନକରି ଏକ ଭିନ୍ନ ମତ ନେବାକୁ ଏଠାରେ ଦ୍ୱାର ଉନ୍ମୁକ୍ତ ନାହିଁ ।**

*ରତନ କୌର ବନାମ ଭାରତ ସଂଘ* **(1997) 10 SCC 61** ମାମଲାକୁ ସୂଚିତ କରାଗଲା ।

ଦେୱାନୀ ଆବେଦନ ଅଧିକାରିତା : 2004 ର ଦେୱାନୀ ଆବେଦନ ସଂଖ୍ୟା 5091/ 2004

ଦେୱାନୀ ଆବେଦନ ସଂଖ୍ୟା 5092/2004 ସହିତ M.A.T. ସଂଖ୍ୟା  28 of 2001ରେ ପୋର୍ଟ ବ୍ଲେୟାରରେ ଥିବା କଲିକତା ଉଚ୍ଚ ନ୍ୟାୟାଳୟଙ୍କର, ସର୍କିଟ୍ ଖଣ୍ଡପୀଠଙ୍କ ତାରିଖ 06.02.2002 ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଟି. ଏସ୍. ଦୋଆବିଆ, ବରୁଣ ଭଣ୍ଡାରି ଗୁଗନାନୀ, ଏ. ତାରିକ୍ ଏବଂ ଡି. ଏସ୍. ମାହ୍ର ।

ଉତ୍ତରଦାତାମାନଙ୍କ ପାଇଁ ବିଜୟ ହଂସାରିଆ, ସ୍ନେହ୍ କାଲିତା, ପରମାନନ୍ଦ, ରାଜୀବ ତଲୱାର ଏବଂ ସୁଷମା ସୁରୀ ।

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ** ଦ୍ୱାରା ଦେୱାନୀ ଆବେଦନ ସଂଖ୍ୟା 5091/2004 ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା  ।

1. ପକ୍ଷମାନଙ୍କ ପାଇଁ ଆମ୍ଭେ ବିଦ୍ୱାନ ଅଧିବକ୍ତାଙ୍କ ତର୍କକୁ ଶୁଣିଲୁ ।

2.  (ଉଭୟ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତି ଏବଂ ଦୁଇଜଣିଆ ଖଣ୍ଡପୀଠରେ) ଆମେ ଉଚ୍ଚ ନ୍ୟାୟାଳୟଙ୍କର ଆଭିମୁଖ୍ୟକୁ ଭୁଲ୍ ବୋଲି ବିବେଚନା କରୁ । ଉତ୍ତରଦାତାଙ୍କ ତରଫରୁ ବିଦ୍ୱାନ ଅଧିବକ୍ତାଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଇଛି ଯେ ଶିବ ଚନ୍ଦର ମୋରେଙ୍କ ଦ୍ୱାରା 05.05.2000 ରେ କରାଯାଇଥିବା ନିବେଦନ ନୂତନ ଅନୁଜ୍ଞପ୍ତି ପତ୍ର ପ୍ରଦାନ ନିମିତ୍ତ ଥିଲା । ରତନ କୌର ବନାମ ଭାରତ ସଂଘ (1997 (10) SCC 61)  ମାମଲାରେ ଏହି ନ୍ୟାୟାଳୟଙ୍କର ରାୟକୁ ଉଲ୍ଲେଖ କରି ଦ୍ୱିତୀୟ ନବୀକରଣ ଗ୍ରହଣୀୟ ନୁହେଁ ବୋଲି ଲେଫ୍ଟନାଣ୍ଟ ଗଭର୍ଣ୍ଣର ବିବେଚନା କଲେ ଏବଂ ଆମେ ମଧ୍ୟ ସଠିକ ଭାବେ ଅନୁରୂପ ବିବେଚନା କରୁ । ଏହି ଆଦେଶକୁ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ

ସମ୍ମୁଖରେ ଆପତ୍ତି କରାଗଲା । ଆଶ୍ଚର୍ଯ୍ୟଜନକ ଭାବରେ, ଯଦିଓ ବିଦ୍ୱାନ ଏକକ ବିଚାରପତି ରାୟ ଦେଇଛନ୍ତି ଯେ ଏହି ନିଷ୍ପତ୍ତି ପ୍ରୟୋଗ ଯୋଗ୍ୟ ତଥାପି ଉତ୍ତରଦାତାଙ୍କୁ ଆଶ୍ୱସ୍ତି ପ୍ରଦାନ କଲେ । ଲେଫ୍ଟନାଣ୍ଟ ଗଭର୍ଣ୍ଣର, ଉପଆୟୁକ୍ତ ଏବଂ ତହସିଲଦାରଙ୍କ ଦ୍ୱାରା ଦୁଇଜଣିଆ ଖଣ୍ଡପୀଠଙ୍କ ସମ୍ମୁଖରେ ଆବେଦନରେ ଏହି ପ୍ରସଙ୍ଗ ଉଠିଥିଲା । ବିଶେଷ ଭାବରେ, ଦୁଇଜଣିଆ ଖଣ୍ଡପୀଠ ଜାଣିବାକୁ ପାଇଲେ ଯେ ରତନ କୌରଙ୍କ ମାମଲାରେ (ଉପରୋକ୍ତ) ନିଷ୍ପତ୍ତି ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ପ୍ରୟୋଗ ହୋଇପାରିବ ନାହିଁ । ଥରେ ଉଚ୍ଚ ନ୍ୟାୟାଳୟଙ୍କର ଏକକ ନ୍ୟାୟମୂର୍ତ୍ତି ରାୟ ଦେଇଥିଲେ ଯେ ଏହି ନିଷ୍ପତ୍ତି ପ୍ରୟୋଗଯୋଗ୍ୟ , ଏହା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ପାଇଁ କୌଣସି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସୂଚିତ ନକରି ଏକ ଭିନ୍ନ ମତ ନେବାକୁ ଏଠାରେ ଦ୍ୱାର ଉନ୍ମୁକ୍ତ ନୁହେଁ । ତେବେ, ଉତ୍ତରଦାତା ସଂଖ୍ୟା 1 ରୁ 4 ଙ୍କ ତରଫରୁ ହାଜର ହୋଇ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ବିଜୟ ହଂସାରିଆ ଦର୍ଶାଇଥିଲେ ଯେ ଏହି ଉପସ୍ଥାପନା ସଠିକ୍ ପରିସ୍ଥିତିକୁ ପ୍ରତିଫଳିତ କରୁନାହିଁ, ଏବଂ ବାସ୍ତବରେ, ଯାହାକୁ ବିରୋଧ କରାଯାଉଛି ତାହା ହେଉଛି ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ । ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ସମ୍ମୁଖରେ ଏହି ପ୍ରସଙ୍ଗ କେବେ ଉପସ୍ଥାପିତ ହୋଇନଥିଲା ଏବଂ, ଯେପରି ଉପରେ ଉଲ୍ଲେଖ କରାଯାଇଛି, ଏହି ନିବେଦନଟି ନବୀକରଣ ନିମିତ୍ତ ଥିଲା । ତେଣୁ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଆଦେଶ ଆଇନଗତ ଏବଂ ଉପଯୁକ୍ତ ଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଯଦି ଉତ୍ତରଦାତାଙ୍କ ପାଖରେ ନୂତନ ପ୍ରଦାନ ଏବଂ /କିମ୍ବା ନବୀକରଣ ଅନୁରୋଧ ବ୍ୟତୀତ ଦାବି ଅନୁଯାୟୀ କୌଣସି ଆଶ୍ୱସ୍ତି ଥାଏ, ଯାହା ଲେଫ୍ଟନାଣ୍ଟ ଗଭର୍ଣ୍ଣର ଏବଂ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ନିବେଦନରେ ବିଚାର ପାଇଁ ଉଠିନଥିଲା । ଏହି ପ୍ରସଙ୍ଗରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ ।

3. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଉପରୋକ୍ତ କ୍ଷେତ୍ର ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି ।

ଦେୱାନୀ ଆବେଦନ ସଂଖ୍ୟା 5092/2004

ଦେୱାନୀ ଆବେଦନ ସଂଖ୍ୟା 5091/2004 ର ରାୟକୁ ଦୃଷ୍ଟିରେ ରଖି, ଏହି ଆବେଦନକୁ ଅନୁମତି ଦିଆଗଲା ।

ଏସ୍. କେ. ଏସ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।